# NATIONAL NEWS BULLETIN (ODIA)
## 7 September 2026
### Morning Bulletin : 7.15 A.M.

*********************************

## ମୁଖ୍ୟ ସମ୍ବାଦ

- ଭାରତ ଓ ଫ୍ରାନ୍ସ ପ୍ରଯୁକ୍ତିବିଦ୍ୟାଠାରୁ ଆରମ୍ଭ କରି ମହାକାଶ, ଜଳବାୟୁ କ୍ଷେତ୍ର ପର୍ଯ୍ୟନ୍ତ ନୂତନ ଗତି ଓ ଶକ୍ତି ସହ ଅଗ୍ରସର ହେଉଛନ୍ତି, କହିଲେ ପ୍ରଧାନମନ୍ତ୍ରୀ
- ନୂଆଦିଲ୍ଲୀରେ ସତ୍ୟନିକେତନ ଅଞ୍ଚଳରେ କୋଠା ଭୁଶୁଡ଼ିବା ଘଟଣାର ମାଜିଷ୍ଟ୍ରେଟ୍ ସ୍ତରୀୟ ତଦନ୍ତ ନିର୍ଦ୍ଦେଶ
- ଭାରତୀୟ ମହାକାଶ ଅନୁସନ୍ଧାନ ପ୍ରତିଷ୍ଠାନକୁ ଘରୋଇକରଣ କରିବା କିମ୍ବା ଏହାର ଭୂମିକାକୁ ଗୌଣ କରିବା ନେଇ କୌଣସି ପଦକ୍ଷେପ ନିଆଯାଇ ନାହିଁ, ସ୍ପଷ୍ଟ କଲା ଇସ୍ରୋ
- ଗୋଆ ପୋଲିସକୁ ଆଜି ମର୍ଯ୍ୟାଦାଜନକ ରାଷ୍ଟ୍ରପତି ପୋଲିସ୍ କଲର୍ ପ୍ରଦାନ କରିବେ ସ୍ୱରାଷ୍ଟ୍ରମନ୍ତ୍ରୀ

ଏବଂ

- ଚୀନ୍ ଯୋଡ଼ିଙ୍କୁ ପରାସ୍ତ କରି ଚାଇନା ମାଷ୍ଟର୍ସ ବ୍ୟାଡମିଣ୍ଟନ ପୁରୁଷ ଡବଲ୍ସ ଟାଇଟଲ୍ ହାସଲ କଲେ ଭାରତୀୟ ଯୋଡ଼ି ସାତ୍ତ୍ୱିକ ଓ ଚିରାଗ

# ପିଏମ୍-ସ୍ୱାମୀନାରାୟଣ ପ୍ୟାରିସ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ଗତ କିଛିବର୍ଷ ମଧ୍ୟରେ ଭାରତ-ଫ୍ରାନ୍ସ ସଂପର୍କ ଉଚ୍ଚତର ସୋପାନରେ ପହଞ୍ଚିଛି। ସେ କହିଛନ୍ତି, ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ୍ ମାକ୍ରନ୍‌ଙ୍କ ସହ ଉଭୟ ଦେଶ ସ୍ୱତନ୍ତ୍ର ବିଶ୍ୱ ରଣନୈତିକ ସହଭାଗିତା ନିର୍ମାଣ କରୁଛନ୍ତି। ଭିଡ଼ିଓ କନ୍‌ଫରେନ୍ସିଂ ଜରିଆରେ ପ୍ୟାରିସ୍‌ରେ ସ୍ୱାମୀ ନାରାୟଣ ହିନ୍ଦୁ ମନ୍ଦିରର ଉଦ୍‌ଘାଟନ କରି ଶ୍ରୀ ମୋଦୀ କହିଛନ୍ତି, ପ୍ରଯୁକ୍ତିବିଦ୍ୟା, କୃତ୍ରିମ ବୁଦ୍ଧିମତ୍ତା ଏବଂ ପ୍ରତିରକ୍ଷାଠାରୁ ଆରମ୍ଭ କରି ମହାକାଶ ଓ ଜଳବାୟୁ କ୍ଷେତ୍ର ପର୍ଯ୍ୟନ୍ତ ଉଭୟ ଦେଶ ନୂତନ ଗତି, ଶକ୍ତି ଓ ନବୀକରଣୀୟ କାର୍ଯ୍ୟ ସହିତ ଅଗ୍ରସର ହେଉଛନ୍ତି । ଶ୍ରୀ ମୋଦୀ କହିଛନ୍ତି ଉଭୟ ଦେଶ ଚଳିତବର୍ଷକୁ ଭାରତ-ଫ୍ରାନ୍ସ ନବସୃଜନ ବର୍ଷ ଭାବରେ ପାଳନ କରୁଛନ୍ତି । ପ୍ରଧାନମନ୍ତ୍ରୀ କହିଛନ୍ତି, ଭାରତ-ଫ୍ରାନ୍ସ ରଣନୈତିକ ସହଭାଗିତା ଏହାର ଦୀର୍ଘକାଳୀନ ସାଂସ୍କୃତିକ ଏବଂ ରାଜନୈତିକ ସଂଯୋଗର ଦୃଢ଼ ଭିତ୍ତିଭୂମି ଉପରେ ନିର୍ଭର କରୁଛି । ଫ୍ରାନ୍ସରେ ଭାରତୀୟ ସୈନିକଙ୍କ ବଳିଦାନର ସାକ୍ଷୀ ସ୍ୱରୂପ ଭାରତର ଭୂମିକା ଏବେ ମଧ୍ୟ ଉଜ୍ଜୀବିତ ରହିଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

**V/O (PM-France-India Relation)**

ପ୍ରଧାନମନ୍ତ୍ରୀ କହିଛନ୍ତି, ସ୍ୱାମୀନାରାୟଣ ମନ୍ଦିର ଭାରତ-ଫ୍ରାନ୍ସ ମିଳିତ ଉଦ୍ୟମର ଏକ ନିଦର୍ଶନ ଭାବେ ଉଭା ହୋଇଛି । ଏହି ମନ୍ଦିରରେ ବ୍ୟବହୃତ ପଥରଗୁଡ଼ିକର ବହୁ ଅଂଶ ଭାରତରେ ଖୋଦିତ ହୋଇଥିଲା ବୋଲି ଶ୍ରୀ ମୋଦୀ କହିଛନ୍ତି । ଆଗାମୀ ଦିନରେ ଏହି ମନ୍ଦିର ଉଭୟ ଦେଶ ମଧ୍ୟରେ ସହଯୋଗ ଓ ଅପାର ସମ୍ଭାବନାର ପ୍ରତୀକ ଭାବେ ସାବ୍ୟସ୍ତ ହେବ ବୋଲି ସେ ଆଶା ପ୍ରକାଶ କରିଛନ୍ତି । ପ୍ରଧାନମନ୍ତ୍ରୀ କହିଛନ୍ତି, ମନ୍ଦିର କେବଳ ଫ୍ରାନ୍ସର ବିବିଧତାକୁ ସମୃଦ୍ଧ କରିବ ନାହିଁ, ବରଂ ଉଭୟ ଦେଶ ମଧ୍ୟରେ ଥିବା ସାଂସ୍କୃତିକ ସଂପର୍କକୁ ଆହୁରି ମଜବୁତ କରିବ ।

**V/O (PM-Stratagic Partnership)**

## ଦିଲ୍ଲୀ ବିଲ୍ଡିଂ କୋଲାପ୍ସ

ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ନୂଆଦିଲ୍ଲୀର ସତ୍ୟନିକେତନ ଅଞ୍ଚଳରେ କୋଠା ଭୁଶୁଡ଼ିବା ଘଟଣାର ମାଜିଷ୍ଟ୍ରେଟ୍‌ସ୍ତରୀୟ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି । ସଂପୃକ୍ତ କୋଠାର ମାଲିକଙ୍କ ବିରୁଦ୍ଧରେ ଏତଲା ପଞ୍ଜୀକରଣ କରିବା ପାଇଁ ମଧ୍ୟ ସେ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଘଟଣାସ୍ଥଳ ସମୀକ୍ଷା ଏବଂ ପ୍ରାଥମିକ ଆକଳନ ପରେ ଏହି ନିଷ୍ପତ୍ତି ନିଆଯାଇଛି । ଘଟଣାରେ

ଦାୟୀ ବ୍ୟକ୍ତିଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇ କଠୋରତମ ଦଣ୍ଡ ବ୍ୟବସ୍ଥା କରାଯିବ ବୋଲି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ କହିଛି ।

ଗତକାଲି ବିଳମ୍ବିତ ରାତ୍ରିରେ ଆଉ ଏକ ମୃତଦେହ ଉଦ୍ଧାର ହେବା ପରେ ଏହି କୋଠା ଭୁଶୁଡ଼ିବା ଘଟଣାରେ ମୃତ୍ୟୁସଂଖ୍ୟା ୬କୁ ବୃଦ୍ଧି ପାଇଛି । କୋଠାର ଭଙ୍ଗାରୁଜା ଅଂଶ ସଫା କରିବା ଏବଂ ସେଥିରେ ଫଶି ରହିଥିବା ଲୋକଙ୍କୁ ଖୋଜିବା ପାଇଁ ସନ୍ଧାନ ଏବଂ ଉଦ୍ଧାର କାର୍ଯ୍ୟ ଜାରି ରହିଛି । ଏନଡିଆରଏଫ୍, ଅଗ୍ନିଶମ, ଦିଲ୍ଲୀ ପୋଲିସ୍ ଏବଂ ଅନ୍ୟାନ୍ୟ ସଂସ୍ଥାଗୁଡ଼ିକ ଉଦ୍ଧାର କାର୍ଯ୍ୟରେ ସାମିଲ ହୋଇଛନ୍ତି ।

ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା' ଦିଲ୍ଲୀମୁଖ୍ୟମନ୍ତ୍ରୀ, ଦିଲ୍ଲୀ ପୋଲିସ୍ କମିଶନର ଓ ଏନ୍ଡିଆରଏଫ୍‌ର ମହାନିର୍ଦ୍ଦେଶକଙ୍କ ସହ କଥା ହୋଇ ଉଦ୍ଧାର କାର୍ଯ୍ୟ ଜୋରଦାର କରିବା ଲାଗି ନିର୍ଦ୍ଦେଶ ଦେଇଛନ୍ତି । ଦିଲ୍ଲୀର ଜଣେ ପୋଲିସ୍ ଅଧିକାରୀ କହିଛନ୍ତି ସଂପୃକ୍ତ କୋଠାଟି ପେଇଙ୍ଗ୍ ଗେଷ୍ଟ୍ ବାସସ୍ଥାନ ଭାବେ ବ୍ୟବହାର କରାଯାଉଥିଲା । ଗତକାଲି କୋଠାର ତଳଭାଗରେ ମରାମତି କାର୍ଯ୍ୟ ଚାଲିଥିବା ବେଳେ ଅପରାହ୍ନ ପ୍ରାୟ ଗୋଟାଏ ୩୦ ମିନିଟ୍ ସମୟରେ କୋଠାଟି ଭୁଶୁଡ଼ି ପଡ଼ିଥିଲା । ଦିଲ୍ଲୀ ମେୟର ପ୍ରବେଶ ୱାହୀ କହିଛନ୍ତି, ଦିଲ୍ଲୀରେ ୪ ମହଲାରୁ ଅଧିକ ସମସ୍ତ ବେଆଇନ ନିର୍ମାଣକୁ ତୁରନ୍ତ ସିଲ୍ କରାଯିବ ।

ଦିଲ୍ଲୀର ଏହି କୋଠା ଭୁଶୁଡ଼ିବା ଘଟଣା ପରେ ଆଜି ଶ୍ରୀଭେଙ୍କଟେଶ୍ୱର କଲେଜକୁ ବନ୍ଦ ରଖିବା ନେଇ ଘୋଷଣା କରାଯାଇଛି । କଲେଜ ପକ୍ଷରୁ କୁହାଯାଇଛି ଏକ ଅସ୍ଥାୟୀ ପଦକ୍ଷେପ ସ୍ୱରୂପ ଅନେକ ଗୁଡ଼ିଏ ପେଇଙ୍ଗ୍ ଗେଷ୍ଟ୍ କୋଠା ବନ୍ଦ କରାଯିବ ଏବଂ ସତ୍ୟନିକେତନ ଅଞ୍ଚଳରେ ରହୁଥିବା ଛାତ୍ରଛାତ୍ରୀମାନଙ୍କୁ କଲେଜର ଶ୍ରେଣୀଗୃହରେ ରଖାଯିବ । ଆର୍ଯ୍ୟଭଟ୍ଟ କଲେଜରେ ମଧ୍ୟ ଆଜି ଶିକ୍ଷାଦାନ ବନ୍ଦ ରହିବ । ସେହି କଲେଜକୁ ଛାତ୍ରଛାତ୍ରୀମାନଙ୍କ ପାଇଁ ଅସ୍ଥାୟୀ ବାସସ୍ଥଳ ରୂପେ ବ୍ୟବହାର କରାଯାଉଛି ।

## ଇସ୍ରୋ

ଭାରତୀୟ ମହାକାଶ ଅନୁସନ୍ଧାନ ପ୍ରତିଷ୍ଠାନ-ଇସ୍ରୋକୁ ସଂପୂର୍ଣ୍ଣ ଘରୋଇକରଣ କରିବା କିମ୍ବା ଏହାର ଭୂମିକାକୁ ଗୌଣ କରିବା ନେଇ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନଥିବା ଇସ୍ରୋ ପକ୍ଷରୁ ସ୍ପଷ୍ଟ କରାଯାଇଛି । ଗଣମାଧ୍ୟମରେ ପ୍ରସାରିତ ହେଉଥିବା ଏଭଳି ସୂଚନାକୁ ଭିତ୍ତିହୀନ ବୋଲି ଇସ୍ରୋ କହିଛି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଇସ୍ରୋ ପକ୍ଷରୁ ଏକ ସ୍ପଷ୍ଟୀକରଣରେ କୁହାଯାଇଛି, ଏହି ସଂସ୍ଥାକୁ ଘରୋଇକରଣ କରାଯିବ ନାହିଁ କିମ୍ବା ଏହାର ଭୂମିକା ହ୍ରାସ କରିବା ଲାଗି କୌଣସି ପଦକ୍ଷେପ ନିଆଯାଇ ନାହିଁ। ତେବେ ଇସ୍ରୋରେ ଘରୋଇ କ୍ଷେତ୍ରର ଯୋଗଦାନ ଆଗାମୀ ପିଢ଼ିର ମହାକାଶ କାର୍ଯ୍ୟକ୍ରମକୁ ସୁଦୃଢ଼ କରିବା ସହ ପ୍ରଯୁକ୍ତିବିଦ୍ୟା ଏବଂ ତତ୍‌ସଂପର୍କିତ ସାମର୍ଥ୍ୟ ବୃଦ୍ଧି ଦିଗରେ

ଅଧିକ ସଫଳତା ମିଳିପାରିବ । ଭାରତୀୟ ଶିଳ୍ପ ଏବଂ ପ୍ରଯୁକ୍ତିବିଦ୍ୟାଗତ ଦକ୍ଷତାକୁ ଅତ୍ୟନ୍ତ ପରିପକ୍ୱ ଓ ବିକାଶଶୀଳ ବୋଲି ଇସ୍ରୋ କହିଛି। ଘରୋଇ କ୍ଷେତ୍ରର ଯୋଗଦାନ ଫଳରେ ବିଶ୍ୱ ବଜାରରେ ଉତ୍ପାଦନ, ବାଣିଜ୍ୟିକରଣ ବୃଦ୍ଧି ପାଇଛି । ପରବର୍ତ୍ତୀ ପିଢ଼ିର ପ୍ରଯୁକ୍ତିବିଦ୍ୟା ଏବଂ ମହାକାଶ ଗବେଷଣା ଲାଗି ଘରୋଇ କ୍ଷେତ୍ରର ଯୋଗଦାନ ଜାତୀୟ ମହାକାଶ କାର୍ଯ୍ୟକ୍ରମକୁ ପୂର୍ଣ୍ଣ ରୂପ ଦେବା ଦିଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ଇସ୍ରୋ ପକ୍ଷରୁ ସୂଚନା ଦିଆଯାଇଛି ।

## ଗୋଆ ପୋଲିସ୍ କଲର

ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଆଜି ଗୋଆ ଗସ୍ତର ଶେଷଦିନରେ ଗୋଆ ପୋଲିସ୍‌କୁ ମର୍ଯ୍ୟାଦାଜନକ ରାଷ୍ଟ୍ରପତି ପୋଲିସ୍ କଲର୍ ପ୍ରଦାନ କରିବେ । ତଲେଇଗାଓଁ ସ୍ଥିତ ଡକ୍ଟର ଶ୍ୟାମାପ୍ରସାଦ ମୁଖାର୍ଜୀ ଇନ୍‌ଡୋର ଷ୍ଟାଡିୟମ୍‌ରେ ଏକ ସ୍ୱତନ୍ତ୍ର ସମାରୋହରେ ମନ୍ତ୍ରୀ ଶ୍ରୀ ଶାହା ଏହି ସମ୍ମାନ ପ୍ରଦାନ କରିବେ । ପୋଲିସ୍ ବାହିନୀର ଅଦମ୍ୟ ଆତ୍ମବଳ ଏବଂ ପ୍ରଚେଷ୍ଟାକୁ ସମ୍ମାନ ପ୍ରଦାନ ପୂର୍ବକ ରାଷ୍ଟ୍ରପତିଙ୍କ ପୋଲିସ୍ କଲର୍ ପ୍ରଦାନ କରାଯାଇଥାଏ । ଏହି ସମାରୋହ ପୂର୍ବରୁ ମନ୍ତ୍ରୀ ଶ୍ରୀ ଶାହା ଜୋନାଲ୍ ପରିଷଦ ବୈଠକରେ ଯୋଗଦେଇ ଆଞ୍ଚଳିକ ସମସ୍ୟାଗୁଡ଼ିକ ଉପରେ ଆଲୋଚନା କରିବାର କାର୍ଯ୍ୟସୂଚୀ ରହିଛି ।

# ଇରାନ-ହର୍ମୁଜ

ଇରାନର ସର୍ବୋଚ୍ଚ ସୁରକ୍ଷା ଅଧିକାରୀ କହିଛନ୍ତି, ଆଗାମୀ ଦିନରେ ହର୍ମୁଜ ପ୍ରଣାଳୀର ବାହ୍ୟ ମାର୍ଗକୁ ନୂଆ ପ୍ରତିବନ୍ଧିତ ଅଞ୍ଚଳ ଭାବେ ଘୋଷଣା କରାଯିବ । ଯଦି କୌଣସି ଜାହାଜ ଅନୁମତି ନ ଥାଇ ସେହି ମାର୍ଗରେ ପ୍ରବେଶ କରନ୍ତି, ସେମାନଙ୍କୁ ଇରାନର ସାଙ୍କ୍ସନ୍ ଲିଷ୍ଟ୍‌ରେ ଅନ୍ତର୍ଭୁକ୍ତ କରାଯିବ । ଇରାନର ସୁପ୍ରିମ ନ୍ୟାଶନାଲ୍ ସିକ୍ୟୁରିଟି କାଉନ୍‌ସିଲ୍‌ର ସଚିବ ମେଜର ଜେନେରାଲ୍ ମୋହସେନ ରେଜାଇ କହିଛନ୍ତି ଆମେରିକା ନୌସେନା ପକ୍ଷରୁ ବନ୍ଦ ରଖାଯାଇଥିବା ଅଞ୍ଚଳରୁ ଏହି ପ୍ରତିବନ୍ଧିତ ଅଞ୍ଚଳର ସୀମା ଆରମ୍ଭ ହେବ । ଇରାନର ସୂଚନା ଅନୁଯାୟୀ ହର୍ମୁଜ ପ୍ରଣାଳୀ ବନ୍ଦ ରହିବା ଫଳରେ ସେଠାକାର ଜଳପଥରେ ଯାତାୟାତ ହ୍ରାସ ପାଇଛି । ମେଜର ଜେନେରାଲ୍ ରଜାଇ କହିଛନ୍ତି, ହର୍ମୁଜ ପ୍ରଣାଳୀ ଦେଇ ଆମେରିକୀୟ ଜାହାଜ ଅତିକ୍ରମ କରିବା ଲାଗି ଚେଷ୍ଟା କରୁଥିବା ବେଳେ ଇରାନର ସୁରକ୍ଷା ଅଧିକାରୀମାନେ ସେଗୁଡ଼ିକୁ ନିଜ ହେପାଜତକୁ ନେଇଛନ୍ତି ।

# ବ୍ୟାଡମିଣ୍ଟନ-ଚାଇନା ମାଷ୍ଟର୍ସ

ଚୀନ୍‌ର ସେନ୍‌ଜେନ୍ ରେ ଚାଲିଥିବା ଚାଇନା ମାଷ୍ଟର୍ସ ବ୍ୟାଡମିଣ୍ଟନ ପ୍ରତିଯୋଗିତାର ପୁରୁଷ ଡବଲ୍‌ସ ଫାଇନାଲ୍‌ରେ ଭାରତୀୟ ଯୋଡ଼ି ସାତ୍ତ୍ୱିକ ସାଇରାଜ ରାଙ୍କି ରେଡ୍ଡୀ ଏବଂ ଚିରାଗ ସେଟ୍ଟି ଟାଇଟଲ୍ ହାସଲ କରିଛନ୍ତି ।

ଏହି ଯୋଡ଼ି ଚୀନ୍‌ର ହେ ଜି ତିଙ୍ଗ୍ ଏବଂ ରେନ୍ ସିଆଙ୍ଗ୍ ୟୁ ଯୋଡ଼ିଙ୍କୁ ୧୧-୨୧, ୨୧-୧୩ ଓ ୨୧-୧୭ ସେଟ୍‌ରେ ପରାସ୍ତ କରିଛନ୍ତି । ଏହି ବିଜୟ ସହିତ ଭାରତ ପ୍ରଥମଥର ପାଇଁ ଚାଇନା ମାଷ୍ଟର୍ସରେ ଟାଇଟଲ୍ ହାସଲ କରିଛି । ଏହି ଭାରତୀୟ ଯୋଡ଼ି ପୂର୍ବରୁ ସିଙ୍ଗାପୁର ଓପନ୍ ସୁପର-୭୫୦ ଜିତିଥିଲେ ଏବଂ ଥାଇଲ୍ୟାଣ୍ଡ୍ ଓପନ୍ ସୁପର୍-୫୦୦ ରେ ରନର୍ସ-ଅପ୍ ହୋଇଥିଲେ ।

## ଫୁଟ୍‌ବଲ୍

ଭାରତ ୨୦ବର୍ଷର ବ୍ୟବଧାନ ପରେ ଏଏଫ୍‌ସି ୨୦ ବର୍ଷରୁ କମ୍ ଏସିଆ କପ୍ ଫୁଟ୍‌ବଲ୍ ମୁଖ୍ୟ ପ୍ରତିଯୋଗିତା ଲାଗି ଯୋଗ୍ୟ ବିବେଚିତ ହୋଇଛି । ଗତକାଲି ତାସ୍‌କେଣ୍ଟ୍‌ରେ ଅନୁଷ୍ଠିତ ମ୍ୟାଚ୍‌ରେ ଭାରତ’ ବାଂଲାଦେଶକୁ ୩ଟି ଗୋଲ୍‌ରେ ପରାସ୍ତ କରିଛି । ଏହି ବିଜୟ ସହିତ ଭାରତ ୩ଟି ମ୍ୟାଚ୍‌ରୁ ୬ ପଏଣ୍ଟ ହାସଲ କରିଛି । ତେବେ ସିରିଆ’ ଉଜ୍‌ବେକିସ୍ତାନଠାରୁ ୩ଟି ଗୋଲ୍‌ରେ ପରାସ୍ତ ହେବା ପରେ ଭାରତ ୮ଟିକିଆ ଗ୍ରୁପ୍‌ର ଉତ୍ତମ ପ୍ରଦର୍ଶନକାରୀ ସାବ୍ୟସ୍ତ ହୋଇଛି । ଆସନ୍ତାବର୍ଷ ମାର୍ଚ୍ଚ ୨୪ରୁ ଅପ୍ରେଲ୍ ୧୦ ତାରିଖ ପର୍ଯ୍ୟନ୍ତ ଚୀନ୍‌ରେ ଏଏଫ୍‌ସି ୨୦ ବର୍ଷରୁ କମ୍ ଏସିଆ କପ୍ ଅନୁଷ୍ଠିତ ହେବ ।